# State Level eDAR workshop organized at Puri

## eDAR State Level Workshop Held at Puri

**Puri:** A state level workshop has organized by State Transport Authority Odisha by the direction of DG Police regarding eDAR (Electronic Detailed Accident Report ) on 16 th Dec 2023 at District Culture Office Auditorium Puri. eDAR ( Electronic Detailed Accident Report ) is an extension of i RAD (Integrated Road Accident Database) and can make the Accident Claims of the victims in a transparent and hassle free manner by the different stake holders for Motor Accident Compensation Claim.




Sri SUNIL KUMAR BANSAL IPS and Director General of Police, Odisha has grace the workshop in the presence of Shri AMITABH THAKUR IPS and Transport Commissioner, Shri SHEFEEN AHAMED IPS and IG of Police CID CB, Shri Lal Mohan Sethy, Add. Commissioner Road Safety, Dr. Kenwar Bansal Singh,SP Puri, Dr Ashok Kumar Hota ,DDG & SIO, Dr Rama Krushan Dash DDG & ASIO NIC, Shri, P.K Mohanty Joint Commissioner Road Safety, Shri Prasanta kumar Nayak, Sr Director and State Transport Coordinator, NIC, All RTOs, All DIO, SRM and All DRMs of iRAD and other senior officers from NHAI, R&B, Police, Transport and other stake holders of Road Safety cell.

The event was coordinated by Sri Rabin Pattnaik, RTO ,Puri. In the workshop all the dignitaries were discussed on different areas to implement eDAR for collective outcome. Shri Pawan Gupta ( Project Manager, iRAD,NICSI New Delhi) presented and explained how e-DAR will be used by different stake holders and what are the requisite forms to be filled up so that it can be helpful to beneficiary. The workshop was ended with the Vote of thanks by Shri, P.K Mohanty Joint Commissioner Road Safety, STA Odisha.

## ଦୁର୍ଘଟଣା ପୀଡ଼ିତଙ୍କୁ ମିଳିବ ତୁରନ୍ତ କ୍ଷତିପୂରଣ

### ଜିଲ୍ଲାରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ସମନ୍ୱିତ ସଡକ ଦୁର୍ଘଟଣା ଡାଟାବେସ

ପୁରୀ,୧୭।୧୨(ବ୍ୟୁରୋ): ସ୍ଥାନୀୟ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଅଡିଟୋରିୟମ ହଲରେ ସମନ୍ୱିତ ସଡକ ଦୁର୍ଘଟଣା ଡାଟାବେସକୁ ନେଇ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପୁଲିସ ଡିଜି ସୁନିଲ ବଂଶଲ ଯୋଗଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡିଜି ଶ୍ରୀ ବଂଶଲ କହିଥିଲେ, ଖୁବଶୀଘ୍ର ଜିଲ୍ଲାରେ ସମନ୍ୱିତ ସଡକ ଦୁର୍ଘଟଣା ଡାଟାବେସ(ଇଲେକ୍ଟ୍ରୋନିକ୍ ବିସ୍ତୃତ ଦୁର୍ଘଟଣା) କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟରେ ପୁଲିସ, ଆରଟିଓ ପକ୍ଷରୁ ମିଳିତ ଭାବେ କାର୍ଯ୍ୟ କରାଯିବ। ଯେଭଳି ଭାବେ ରାସ୍ତାରେ ଦୁର୍ଘଟଣା ହୋଇ କିଛି ଅଘଟଣ ଘଟିଲେ ସଙ୍ଗେ ସଙ୍ଗେ ଘଟଣାର ଅନୁଧ୍ୟାନ କରାଯାଇ ଇଲୋକ୍ଟ୍ରୋନିକ୍ ବ୍ୟବସ୍ଥାରେ ତୁରନ୍ତ ପିଡୀତାଙ୍କୁ ଦୁର୍ଘଟଣାଜନିତ କ୍ଷତିପୂରଣ ପ୍ରଦାନ କରାଯିବ।




ଏହି କର୍ମଶାଳାରେ ଅନ୍ୟତମ ଅତିଥି ଭାବେ ତଥା ପରିବହନ କମିଶନର ଅମିତାଭ ଠାକୁର, ସେଫିନ୍ ଅହମ୍ମଦ ଆଇପିଏସ୍ ତଥା ପୁଲିସ ସିଆଇଡି ସିବି ଆଇଜି, ଲାଲ ମାହନ ସେଠୀ ସଡ଼କ ସୁରକ୍ଷା ଅତିରିକ୍ତ କମିଶନର, କେ ବିଶାଲ ସିଂ ଏସପି ପୁରୀ, ଡିଡିଜି ଓ ଏସଆଇଓ ଡ. ଅଶୋକ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ରମା କ୍ରିଷ୍ଣ ଦାଶ ଡିଡିଜି ଓ ଏଏସଆଇଓ ଏନ୍ ଆଇସି, ଯୁଗ୍ମ ସଡ଼କ ସୁରକ୍ଷା କମିଶନର ପ୍ରଦୀପ କୁମାର ମହାନ୍ତି, ଏନ୍‌ଆଇସିର ବରିଷ୍ଠ ନିର୍ଦ୍ଦେଶକ ତଥା ରାଜ୍ୟ ପରିବହନ ସଂଯାଜକ ପ୍ରଶାନ୍ତ କୁମାର ନାୟକ, ସମସ୍ତ ଆରଟିଓ, ସମସ୍ତ ଡିଆଇଓ, ଏସ୍‌ଆର୍‌ଏମ୍ ଏବଂ ଆଇଆର୍‌ଏଡିର ସମସ୍ତ ଡିଆର୍‌ଏମ୍ ଏବଂ ଏନ୍‌ଏଚ୍‌ଏଆଇ, ଆର୍ ଆଣ୍ଡ ବି, ପୁଲିସ, ପରିବହନ ଏବଂ ସଡ଼କ ସୁରକ୍ଷା ସେଲ୍ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମକୁ ପୁରୀ ଆରଟିଓ ଶ୍ରୀ ରବିନ୍ ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି କର୍ମଶାଳାରେ ସାମୁହିକ ଫଳାଫଳ ପାଇଁ ଇଡିଏଆର୍ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଆଲୋଚନା କରାଯାଇଥିଲା। ଏନଆଇସିଏସଆଇ ନୂଆଦିଲ୍ଲୀର ଆଇଆରଏଡିର ପ୍ରାଜେକ୍ଟ ମ୍ୟାନେଜର ପବନ ଗୁପ୍ତା ଇ-ଡାରକୁ ବିଭିନ୍ନ ଅଂଶୀଦାରମାନେ କିପରି ବ୍ୟବହାର କରିବେ ଏବଂ ଏହା ହିତାଧିକାରୀଙ୍କ ପାଇଁ ସହାୟକ ହେବା ପାଇଁ କ'ଣ ଆବଶ୍ୟକ ଫର୍ମ ପୂରଣ କରିବାକୁ ହେବ ସେ ବିଷୟରେ ବର୍ଣ୍ଣନା କରିଥିଲେ। ଏସଟିଏ ଓଡ଼ିଶାର ଯୁଗ୍ମ ସଡ଼କ ସୁରକ୍ଷା କମିଶନର ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅଡିଟୋରିୟମରେ ଇଡିଏଆର୍ କର୍ମଶାଳା

ପୁରୀ,୧୭।୧୨(ଅଜିତ୍ ମହାନ୍ତି)

ଜିଲା ସଂସ୍କୃତି କାର୍ଯ୍ୟାଳୟ ଅଡିଟୋରିୟମରେ ଇଡିଏଆର୍ (ଇଲେକ୍ଟ୍ରୋନିକ୍ ବିସ୍ତୃତ ଦୁର୍ଘଟଣା ରିପୋର୍ଟ) ସମ୍ପର୍କରେ ପୋଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓଡ଼ିଶା ପକ୍ଷରୁ ଏକ ରାଜ୍ୟସ୍ତରୀୟ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଇଡିଏଆର୍ ହେଉଛି ଆଇଆର୍ଏଡି (ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ୍)ର ଏକ ସମ୍ପ୍ରସାରଣ ଏବଂ ମୋଟର ଦୁର୍ଘଟଣା କ୍ଷତିପୂରଣ ଦାବି ପାଇଁ ବିଭିନ୍ନ ଅଂଶୀଦାରଙ୍କ ଦ୍ୱାରା ପୀଡ଼ିତଙ୍କ ଦୁର୍ଘଟଣା ଦାବିକୁ ସ୍ୱଚ୍ଛ ଏବଂ ଅସୁବିଧାମୁକ୍ତ ଉପାୟରେ କରିପାରିବ। କର୍ମଶାଳାକୁ ପୋଲିସ ଡିଜି ସୁନୀଲ କୁମାର ବଂଶଲ ଉଦ୍‌ଘାଟନ କରିଥିଲେ। ଆଇପିଏସ୍



ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓଡ଼ିଶା ପକ୍ଷରୁ ଏକ ରାଜ୍ୟସ୍ତରୀୟ କର୍ମଶାଳା ।

ତଥା ପରିବହନ କମିଶନର ଅମିତାଭ ଠାକୁର, ଆଇପିଏସ୍ ତଥା ପୋଲିସ ସିଆଇଡି ସିବି ଆଇଜି ସେଫିନ୍ ଅହମ୍ମଦ, ସଡ଼କ ସୁରକ୍ଷା ଅତିରିକ୍ତ କମିଶନର ଲାଲ ମୋହନ ସେଠୀ, ଏସପି କେ ବିଶାଲ ସିଂ, ଡିଡିଜି ଓ ଏସ୍ଆଇଓ ଡ. ଅଶୋକ କୁମାର ହୋତା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଡିଜି ଓ ଏଏସ୍ଆଇଓ ଏନ୍ଆଇସି ରମା କ୍ରିଷ୍ଣ ଦାଶ, ଯୁଗ୍ମ ସଡ଼କ ସୁରକ୍ଷା କମିଶନର ପିକେ ମହାନ୍ତି, ଏନ୍ଆଇସିର ବରିଷ୍ଠ ନିର୍ଦ୍ଦେଶକ ତଥା ରାଜ୍ୟ ପରିବହନ ସଂଯୋଜକ ପ୍ରଶାନ୍ତ ନାୟକ, ସମସ୍ତ ଆର୍‌ଟିଓ, ସମସ୍ତ ଡିଆଇଓ, ଏସ୍ଆର୍ଏମ୍ ଏବଂ ଆଇଆର୍ଏଡିର ସମସ୍ତ ଡିଆର୍ଏମ୍ ଏବଂ ଏନ୍ଏଚ୍ଏଆଇ, ଆର୍ ଆଣ୍ଡ୍ ବି, ପୋଲିସ, ପରିବହନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୁରୀ ଆର୍‌ଟିଓ ରବିନ୍ ପଟ୍ଟନାୟକ ସଂଯୋଜନା କରିଥିଲେ। କର୍ମଶାଳାରେ ସାମୂହିକ ଫଳାଫଳ ପାଇଁ ଇଡିଏଆର୍ କାର୍ଯ୍ୟକାରୀ କରିବାକୁ ବିଭିନ୍ନ କ୍ଷେତ୍ରରେ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଆଲୋଚନା କରାଯାଇଥିଲା। ଏନ୍ଆଇସିଏସ୍ଆଇ ନୂଆଦିଲ୍ଲୀର ଆଇଆର୍ଏଡିର ପ୍ରୋଜେକ୍ଟ ମ୍ୟାନେଜର ପୱନ ଗୁପ୍ତା ଇ-ଡାରକୁ ବିଭିନ୍ନ ଅଂଶୀଦାରମାନେ କିପରି ବ୍ୟବହାର କରିବେ ଏବଂ ଏହି ଆପ୍ କିପରି ସାହାଯକ ହେବ ସେ ବିଷୟରେ ବର୍ଣ୍ଣନା କରିଥିଲେ। ଏସ୍‌ଟିଏ ଓଡ଼ିଶାର ଯୁଗ୍ମ ସଡ଼କ ସୁରକ୍ଷା କମିଶନର ପି.କେ ମହାନ୍ତି ଧନ୍ୟବାଦ ଦେଇଥିଲେ।



## ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ୍ ପ୍ରସ୍ତୁତ

# ସରଳ ହେବ ମୋଟର ଦୁର୍ଘଟଣା କ୍ଷତିପୂରଣ ଦାବି ବ୍ୟବସ୍ଥା



ପୁରୀ,୧୭।୧୨(ନି.ପ୍ର): ସରଳ ହେବ ମୋଟର ଦୁର୍ଘଟଣା କ୍ଷତିପୂରଣ ଦାବି ବ୍ୟବସ୍ଥା। ମକଦ୍ଦମା ଦାଖଲ, ପରିଚାଳନା ଏବଂ ପୁଲିସ ରିପୋର୍ଟ ପ୍ରଦାନ ବ୍ୟବସ୍ଥାକୁ ସ୍ୱଚ୍ଛ ଏବଂ ତ୍ୱରାନ୍ୱିତ କରାଯିବ। ଏହାଦ୍ୱାରା ମୋଟର ଦୁର୍ଘଟଣାରେ ମୃତାହତଙ୍କ ସମ୍ପର୍କୀୟମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପଯୁକ୍ତ କ୍ଷତିପୂରଣ ପାଇ ପାରିବେ। ତାହାକୁ ଦୃଷ୍ଟିରେ ରଖି ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ୍ ପ୍ରସ୍ତୁତ କରାଯାଉଥିବା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ କହିଛନ୍ତି। ପୁରୀ ସଂସ୍କୃତି ଭବନରେ ରବିବାର ଇଲେକ୍ଟ୍ରୋନିକ୍ସ ବିସ୍ତୃତ ଦୁର୍ଘଟଣା ରିପୋର୍ଟ ସମ୍ପର୍କରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବଂଶଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାହାକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ ମୋଟର ଦୁର୍ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ବ୍ୟାପକ ଜନ ଜାଗରଣ ଦ୍ୱାରା ଦୁର୍ଘଟଣା ରୋକାଯାଇ ପାରିବ। ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର, ଗୁଇନ୍ଦା ବିଭାଗ ଆଇଜି ସେଫିନ୍ ଅହମ୍ମଦ, ସଡ଼କ ସୁରକ୍ଷା ଅତିରିକ୍ତ କମିସନର ଲାଲ୍‌ମୋହନ ସେଠୀ, ପୁରୀ ଆରକ୍ଷୀ ଅଧୀକ୍ଷକ କନୱର ବିଶାଳ ସିଂହ, ଡ. ଅଶୋକ କୁମାର ହୋତା, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅତିରିକ୍ତ ମହାନିର୍ଦ୍ଦେଶକ ରମା କ୍ରିଷନ ଦାଶ, ଯୁଗ୍ମ ସଡ଼କ ସୁରକ୍ଷା କମିସନର ପି.କେ ମହାନ୍ତି, ରାଜ୍ୟ ପରିବହନ ସଂଯୋଜକ ପ୍ରଶାନ୍ତ କୁମାର ନାୟକ ସେଥିରେ ଅତିଥିଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ୍ ସମ୍ପର୍କରେ ଏନ୍ଆଇସିଏସ୍ଆଇ ପ୍ରକଳ୍ପ ପ୍ରବନ୍ଧକ ପବନ ଗୁପ୍ତା ସୂଚନା ଦେଇଥିଲେ। ବିଭିନ୍ନ ଜିଲାର ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ପୁଲିସ ଅଧିକାରୀ କର୍ମଶାଳାରେ ଯୋଗ ଦେଇଥିଲେ।